Language Code : **14**

इस पुस्तिका में **20** मुद्रित पृष्ठ हैं।
This booklet contains **20** Printed pages.

# SED-24-II

**प्रश्न-पत्र-II / PAPER-II**
**ओड़िया भाषा परिशिष्ट**
**Odia Language Supplement**
**भाग-IV & V / PART-IV & V**

**मुख्य परीक्षा पुस्तिका संख्या / Main Test Booklet No.**

**मुख्य परीक्षा पुस्तिका कोड / Main Test Booklet Code**

# D

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page 19 & 20) of this Test Booklet.**

**ओड़िया में निर्देशों के लिए इस पुस्तिका का पृष्ठ 2 देखें। / FOR INSTRUCTIONS IN ODIA SEE PAGE 2 OF THIS BOOKLET.**

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **ओड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं OMR उत्तर पत्र पर निशान लगाने के लिए **केवल काले/नीले बॉल पॉइंट पेन** का प्रयोग करें।
5. इस भाषा पुस्तिका का **संकेत** है **D**। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, OMR उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा-I (ओड़िया) (प्र. 91 से प्र. 120)
   भाग-V : भाषा-II (ओड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल ओड़िया भाषा से संबंधित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) ओड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

## INSTRUCTIONS FOR CANDIDATES

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Black/Blue Ball Point Pen only** for writing particulars on this page/ marking responses in the OMR Answer Sheet.
5. The CODE for this Language Booklet is **D**. Make sure that the CODE printed on **Side-2** of the OMR Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language-I (Odia) (Q. 91 to Q. 120)
   Part-V : Language-II (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a Language other than Odia, please ask for a Test Booklet that contains questions on that language. The language being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capitals) :
अनुक्रमांक : (अंकों में) / Roll Number : in figures ____________________
: शब्दों में / in words ____________________
परीक्षा केन्द्र (बड़े अक्षरों में) : ____________________
Centre of Examination (in Capitals) :
परीक्षार्थी के हस्ताक्षर : ____________________ निरीक्षक के हस्ताक्षर : ____________________
Candidate's Signature : Invigilator's Signature :
Facsimile Signature Stamp of
Centre Superintendent : ____________________

Language Code : **14**

# SED-24-II

ପରୀକ୍ଷା ପୁସ୍ତିକା କୋଡ୍

**D**

ଏହି ପୁସ୍ତିକାରେ 20 ପୃଷ୍ଠା ଅଛି

**ପ୍ରଶ୍ନପତ୍ର - II**

**ଓଡ଼ିଆ ଭାଷା ପରିଶିଷ୍ଟ**

**ଭାଗ IV & V**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶାବଳୀ ଭଲ ଭାବରେ ପଢ଼ନ୍ତୁ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟିଯାକ ଭାଗ ପାଇଁ ନୁହେଁ ।**
2. ପରୀକ୍ଷାର୍ଥୀ I, II, III ଭାଗର ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ବାଛିଥିବା ଭାଷାରେ ଦେବେ ।
3. ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ଇଂରାଜୀ ଓ ହିନ୍ଦୀ ଭାଷାରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ କଳା/ନୀଳ ବଲ୍ ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **D** । ମୁଖ୍ୟ ପ୍ରଶ୍ନପତ୍ର ଉପରେ ଓ OMR ଉତ୍ତରଖାତାର **ପୃଷ୍ଠା-2** ରେ ସମାନ କୋଡ ରହିବା ଆବଶ୍ୟକ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ - ଭାଗ IV ଓ ଭାଗ V, ଏହା ସମୁଦାୟ **60** ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।

| | | | | |
|---|---|---|---|---|
| ଭାଗ - IV | : | ଭାଷା - I | (ଓଡ଼ିଆ) | (ପ୍ରଶ୍ନ 91 ରୁ 120) |
| ଭାଗ - V | : | ଭାଷା - II | (ଓଡ଼ିଆ) | (ପ୍ରଶ୍ନ 121 ରୁ 150) |

7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ, ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫ୍‌କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତରଖାତାରେ, ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀଙ୍କ ନାମ : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ : ____________________

: ଶବ୍ଦରେ ଲେଖନ୍ତୁ : ____________________

ପରୀକ୍ଷା କେନ୍ଦ୍ର : ____________________

ପରୀକ୍ଷାର୍ଥୀଙ୍କ ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର ____________________

Facsimile signature stamp of
Centre Superintendent : ____________________

ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-IV (Q.No. 91-120)**, if they have opted **ODIA** as **Language-I** only.

## PART-IV

## LANGUAGE-I

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା **91-99** ର ଉତ୍ତର ଦିଅ ।

କାହାକୁ ମୋର ଜନ୍ମଭୂମି ବୋଲି କହିଛି-ଏହି ବିଶାଳ ପୃଥିବୀ, ବିଶାଳ ଏସିଆ ମହାଦେଶ, ବିଶାଳ ଭାରତବର୍ଷ, ଓଡ଼ିଶା ଦେଶ ବା ମୋର ଜନ୍ମସ୍ଥାନ ପଲ୍ଲୀଗ୍ରାମ ? ଏମାନଙ୍କ ମଧ୍ୟରୁ କେହି କାହାରିଠାରୁ ବିଚ୍ଛିନ୍ନ ହୋଇ ନଥିବାରୁ ବ୍ୟାପକ ଅର୍ଥରେ ଏ ସମସ୍ତ ମୋର ଜନ୍ମଭୂମି ହେଲେହେଁ ମାତୃଗର୍ଭରୁ ପଡ଼ି ଯେଉଁଠାରେ ପ୍ରଥମେ ଭୂମି ସ୍ପର୍ଶ କଲି-ଯେଉଁଠାରେ ରୂପ, ରସ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ପାଇଲି-ବିଷମ ବିପାକବେଳେ ଯେ ଅଞ୍ଚଳରୁ ଫଳ, ପୁଷ୍ପ, ଶାଗ, ତଣ୍ଡୁଳ ଢାଳିଦେଇ ଶିଶୁପ୍ରାଣକୁ ପରିପୁଷ୍ଟ କଲା, ସେହି ପଲ୍ଲୀ ହିଁ ମୋର ଜନ୍ମଭୂମି, ସେହି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ । ଆୟୁସୂର୍ଯ୍ୟ ଯେତେ ବେଶି ଗଡ଼ିଚାଲିଛି, ତା' ସହିତ ମୋର ସମ୍ବନ୍ଧ ସେତେ ବେଶି ଘନିଷ୍ଠ ହେବାର କଥା; କିନ୍ତୁ ଏ ସମ୍ବନ୍ଧ ଦିନକୁଦିନ କ୍ଷୀଣ ହୋଇ ଯେପରି କି ଲୀନ ହେବାକୁ ବସିଛି । ସମୟସ୍ରୋତରେ ନିଃସହାୟ ଶୁଷ୍କ ତୃଣପରି ମୁଁ ଭାସି ଚାଲିଛି । ମୋର ଜନ୍ମଭୂମିକୁ ଫେରିଯିବା ପାଇଁ ମୋର ନୈତିକ ସାହସ ନାହିଁ । ଏହା ଭିତରେ ମୋର ପୁନର୍ଜନ୍ମ ଘଟିଯାଇଛି । ଆଜି ମୁଁ ତା'ର ରୂପକୁ ଜାତିସ୍ମର ପରି ଖାଲି ସ୍ମରଣ କରେ । ରାଶି ରାଶି ଶାଳତରୁ ମଧ୍ୟରେ ତଟିନୀ ବେଷ୍ଟିତ ଭଞ୍ଜ-କୀର୍ତ୍ତି-କିରୀଟିନୀ ମୋର ଜନ୍ମଭୂମି ମୋ ଆଖି ଆଗରେ ଭାସିଯାଏ; କିନ୍ତୁ ତା'ର କୋଳକୁ ଫେରିଯିବା ପାଇଁ ମୋର ସାହସ ହୁଏନାହିଁ ।

ଏହା ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ଶିକ୍ଷିତ ସମାଜର ସମସ୍ୟା । ଧର୍ମାନ୍ତର ଗ୍ରହଣ କଲାପରେ ବହୁ ଧର୍ମାନ୍ତର ଦୀକ୍ଷିତ ବ୍ୟକ୍ତି ଯେପରି ଧର୍ମ ପାଖରେ ସମସ୍ତ ମାନବିକତାକୁ ଉତ୍ସର୍ଗ କରି ସେମାନଙ୍କ ନାମ, ପଦବୀ, ଭାଷା, ଆହାର, ବ୍ୟବହାର, ବେଶଭୂଷା ଇତ୍ୟାଦି ସମସ୍ତ ବଦଳାଇ ଦିଅନ୍ତି ଓ ଶେଷବେଳକୁ ଜାତୀୟତା ଭୁଲି ଯେପରି ନିଜ ଜନ୍ମଭୂମିକୁ ସୁଦ୍ଧା ଅସ୍ୱୀକାର କରନ୍ତି, ଠିକ୍ ସେହିପରି ସଂଖ୍ୟାତୀତ ଶିକ୍ଷିତ ବ୍ୟକ୍ତି ପ୍ରଚଳିତ ଶିକ୍ଷା ପାଖରେ ସେମାନଙ୍କ ସମସ୍ତ ମାନବିକତାକୁ ଉତ୍ସର୍ଗ କରି ଶେଷବେଳକୁ ନିଜର ମାତୃଭୂମିକୁ ସୁଦ୍ଧା ପାସୋରି ପକାନ୍ତି ।

**91.** ସମୟସ୍ରୋତରେ ଲେଖକ ନିଜକୁ କିପରି ଅନୁଭବ କରିଛନ୍ତି ?

(1) ବୟସ୍କ (2) ଶୁଷ୍କତୃଣ

(3) ବୁଦ୍‌ବୁଦ୍ (4) ତଟିନୀ

**92.** ଶିକ୍ଷିତ ମଣିଷ କାହା ପାଖରେ ମାନବିକତାକୁ ଉତ୍ସର୍ଗ କରିଛନ୍ତି ?

(1) ଶିକ୍ଷା (2) ମାତୃଭୂମି

(3) ଧର୍ମ (4) ଜାତୀୟତା

93. 'ବିଚ୍ଛିନ୍ନ' - ର ବିପରୀତ ଶବ୍ଦ କେଉଁଟି ?

(1) ନିରବଚ୍ଛିନ୍ନ (2) ଅବିଚ୍ଛିନ୍ନ

(3) ଛିନ୍ନ (4) ପ୍ରଚ୍ଛନ୍ନ

94. 'ଭଞ୍ଜ-କୀର୍ତ୍ତି-କିରିଟିନୀ ମୋର ଜନ୍ମଭୂମି' - ଏହା କେଉଁ ଅଞ୍ଚଳକୁ ବୁଝାଉଛି ?

(1) ସମ୍ବଲପୁର (2) ବାଲେଶ୍ୱର

(3) ବଡ଼ମ୍ବା (4) ଗଞ୍ଜାମ

95. 'ଆୟୁସୂର୍ଯ୍ୟ' - ଏଠାରେ କାହା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ?

(1) ମାୟା (2) ବୟସ

(3) ବାର୍ଦ୍ଧକ୍ୟ (4) ବ୍ୟାଧି

96. ଲେଖକ କେଉଁଠାରେ ପ୍ରଥମ କରି ରୂପରସଗନ୍ଧ ଆଘ୍ରାଣ କରିଛନ୍ତି ?

(1) ସମୟସ୍ରୋତରେ (2) ଏସିଆ ମହାଦେଶରେ

(3) ଭାରତବର୍ଷରେ (4) ପଲ୍ଲୀରେ

97. ଶେଷ ଜୀବନରେ ମଣିଷ କ'ଣ କରିଥାଏ ବୋଲି ଲେଖକ ମତ ଦେଇଛନ୍ତି ?

(1) ଜରାବ୍ୟାଧିର ଶିକାର ହୋଇଥାଏ (2) ପରିବାରଠାରୁ ଦୂରେଇ ଯାଇଥାଏ

(3) ନିଜ ସଂସ୍କୃତିକୁ ମନେ ପକାଇଥାଏ (4) ମାତୃଭୂମିକୁ ଭୁଲି ଯାଇଥାଏ

98. 'ତଣ୍ଡୁଳ' - କହିଲେ କ'ଣ ବୁଝାଯାଏ ?

(1) ଫଳ (2) ତିଳ

(3) ତାଳ (4) ଚାଉଳ

99. ଲେଖକ ଜନ୍ମଗ୍ରହଣ କରିଛନ୍ତି କେଉଁଠାରେ ?

(1) ପଲ୍ଲୀଗ୍ରାମରେ (2) ସହରରେ

(3) ବିଦେଶରେ (4) ଓଡ଼ିଶା ବାହାରେ

ନିମ୍ନଲିଖିତ କବିତାଂଶଟି ପାଠକରି ପ୍ରଶ୍ନସଂଖ୍ୟା **100-105** ର ଉତ୍ତର ଦିଅ ।

ଚକିତ ହୁଏ ନିଦାଘ ଦେଖି
ଦକ୍ଷ ଯା'ର ପାଣି,
ବରଷା ତା'ରେ ପ୍ରଣତି ବାଢ଼େ
ବିଜୁଳି-ହସ ଟାଣି ।
ତରୁଣ ଶୀତ ପକାଇ ପାଦ
ଦିଅଇ ଯା'ରେ ଧନ୍ୟବାଦ
ପରଶେ ତା'ର ଧରଣୀ ଭାଲ
ହସଇ ସୁନା ପାଗେ,
କଙ୍କାଳର ମୂର୍ତ୍ତି ଧରି
ଠିଆ ସେ ଧରା ଆଗେ ।
ଜୀର୍ଣ୍ଣ ତା'ର କୁଟୀର ତରେ
ବତାସ ବାଆ ଦେଖି,
ଜାତକେ ତା'ର ବିଧି କି ଚିର
ବିପାକ ଅଛି ଲେଖି !
ପଉଷ ପ୍ରାତ- ପଦୁଅଁ ପରି
ବାଧକା ଶିଶୁ ବକ୍ଷେ ଧରି
ଗୃହିଣୀ ତା'ର ଦେବତା ପଦେ
ଆୟୁଷ ଖାଲି ମାଗେ,
କଙ୍କାଳର ମୂର୍ତ୍ତି ଧରି
ଠିଆ ସେ ଧରା ଆଗେ ।

**100.** 'ବାଧକାଶିଶୁ' କହିଲେ କ'ଣ ବୁଝାଏ ?

(1) ପ୍ରତିଭାବାନ ଶିଶୁ (2) ସୁନ୍ଦର ଶିଶୁ (3) ହୃଷ୍ଟପୁଷ୍ଟ ଶିଶୁ (4) ରୋଗିଣା ଶିଶୁ

**101.** କାହାର ପ୍ରଣତି ଢାଳିବା କଥା ବର୍ଣ୍ଣିତ ହୋଇଛି ?

(1) ହେମନ୍ତର (2) ଗ୍ରୀଷ୍ମର (3) ବର୍ଷାର (4) ଶରତର

**102.** ଧରଣୀ ଆଗରେ କଙ୍କାଳ ଭଳି କିଏ ଦଣ୍ଡାୟମାନ ହୋଇଥାଏ ?

(1) ଉଷା (2) ଗୃହିଣୀ (3) ପୌଷ (4) ଋତୁରାଣୀ

**103.** 'ଭାଲ' - ଶବ୍ଦର ଅର୍ଥ କ'ଣ ?

(1) ହସ୍ତ (2) ବକ୍ଷ (3) ଲଲାଟ (4) ପାଦ

**104.** କବିତାରେ ହସକୁ କାହା ସହିତ ତର୍କଣା କରାଯାଇଛି ?

(1) ପବନ (2) ମେଘ (3) ବର୍ଷା (4) ବିଜୁଳି

**105.** କବି ଶୀତକୁ କି ପ୍ରକାର ସ୍ଥାନ ଦେଇଛନ୍ତି ?

(1) ବୟସ୍କର (2) ଯୁବକର (3) ପ୍ରୌଢ଼ର (4) ଶିଶୁର

**106.** 'ସାମଗ୍ରୀର ପ୍ରାମାଣିକତା' କ'ଣ ସମର୍ଥନ କରିଥାଏ ?

(1) ନିଜଘରୁ ପିଲାଏ ଆଣିଥିବା ସାମଗ୍ରୀ

(2) ନିଜ କ୍ଲାସ ପାଇଁ ଶିକ୍ଷୟିତ୍ରୀ ଲେଖିଥିବା ସାମଗ୍ରୀ

(3) ଅନୁଷ୍ଠାନରେ ଲୋକଙ୍କ ଦ୍ୱାରା ଲିଖିତ ଓ ବିକଶିତ ସାମଗ୍ରୀ

(4) ବାସ୍ତବ ଜୀବନ୍ତ ଘଟଣା ଅନୁସାରେ ଲିଖିତ ଓ ବିକଶିତ ସାମଗ୍ରୀ

**107.** ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଅପର୍ଣ୍ଣାର ବୁଝିବା ଓ ଶୁଣିବା ଭିତରେ ରହିଛି ପ୍ରତିଟି ଧ୍ୱନି, ଶବ୍ଦକୁ ଶୁଣିବା, ପରେ ବାକ୍ୟକୁ ବୁଝି ସିଡ଼ି ବା ବକ୍ତବ୍ୟରୁ ଅର୍ଥ ବାହାର କରିବା । ଶ୍ରବଣ ଶିକ୍ଷା ପାଇଁ ସେ କେଉଁ ପଦ୍ଧତି/କୌଶଳ ଆପଣେଇବ ?

(1) ଉର୍ଦ୍ଧ୍ୱ-ନିମ୍ନ କିମ୍ବା ନିମ୍ନ-ଉର୍ଦ୍ଧ୍ୱ କୌଣସି ପଦ୍ଧତି ନୁହେଁ

(2) ଉର୍ଦ୍ଧ୍ୱ-ନିମ୍ନ ପଦ୍ଧତି

(3) ନିମ୍ନ-ଉର୍ଦ୍ଧ୍ୱ ପଦ୍ଧତି

(4) ଉଭୟ ଉର୍ଦ୍ଧ୍ୱ-ନିମ୍ନ ଓ ନିମ୍ନ-ଉର୍ଦ୍ଧ୍ୱ ପଦ୍ଧତି

**108.** ଭାଷା ଶିକ୍ଷଣରେ 'ସିଷ୍ଟମିକ୍ ଦକ୍ଷତା' କ'ଣ ?

(1) ସବୁମଣିଷଙ୍କର ଅନେକ ଭାଷାର ଧାରା ଅଛି ବୋଲି ବୁଝିବା

(2) ଭାଷା ଏକ ଧାରାଭାବେ କାମ କରିଥାଏ ବୁଝିବା ଓ ପ୍ରୟୋଗ କରିବାରେ

(3) ଭାଷାର ଏକ ବ୍ୟାକରଣଗତ ଧାରା ରହିଛି ବୋଲି ବୁଝିବା ଓ ପ୍ରୟୋଗ କରିବା

(4) ସବୁଭାଷାର ଏକ ସାଧାରଣ ଗଠନାତ୍ମକ ଧାରା ରହିଛି ବୋଲି ବୁଝିବା

**109.** ଏଠାରେ ଏକ ପାଠ୍ୟ ବା କିଛି ମନ୍ତବ୍ୟ ରହିଛି । ଏହି ପାଠ୍ୟକୁ କେଉଁ ଲାଙ୍ଗୁଏଜ୍ ରେଜିଷ୍ଟର ସମର୍ଥନ କରୁଛି, ବାଛ ।

ଭାରତର ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିକୁ ସମାନ ଭାବିଥାଏ । ଏହାର ଅର୍ଥ, ଭାରତର ପ୍ରତ୍ୟେକ ବ୍ୟକ୍ତି ସେମାନେ ପୁରୁଷ କି ମହିଳା ହୁଅନ୍ତୁ ; ଜାତି, ଧର୍ମ, ଆଦିବାସୀ ସମ୍ପ୍ରଦାୟ ଯେଉଁ ଶିକ୍ଷାଗତ ଓ ଆର୍ଥନୀତିକ ପୃଷ୍ଠଭୂମିରୁ ଆସନ୍ତୁ ନା କାହିଁକି ସମସ୍ତେ ସମାନ ବିବେଚିତ ହୋଇଥାନ୍ତି । ଏହାର ଅର୍ଥ ନୁହେଁ ଯେ ଅସମାନତା ନାହିଁ । ଏହା ନୁହେଁ । ତେବେ ଅନ୍ତତଃ, ଗଣତାନ୍ତ୍ରିକ ଭାରତବର୍ଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ନିୟମ ସ୍ୱୀକୃତ ହୋଇଛି ।

(1) ବିଜ୍ଞାନସମ୍ମତ ରେଜିଷ୍ଟର
(2) ରାଜନୀତି ରେଜିଷ୍ଟର
(3) ସମାଜବିଜ୍ଞାନ ରେଜିଷ୍ଟର
(4) ଆଇନ ରେଜିଷ୍ଟର

**110.** ଷଷ୍ଠଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ପିଲାଙ୍କୁ ଆଉଥରେ ସେମାନଙ୍କ ପୂର୍ବଜ୍ଞାନ ଓ ଅନୁଭୂତି ତାଜା କରାଇବାକୁ ଚାହାନ୍ତି । ପାଠପଢ଼ା ପୂର୍ବରୁ ସେ ପାଠ୍ୟ ବିଷୟ (ଗଳ୍ପ) ପଠନରେ ଚିତ୍ର ଦେଖାଇ ପଢ଼ାଇଥାନ୍ତି । ସେ ଏଠାରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କ'ଣ କରିବାକୁ ଚାହାନ୍ତି ?

(1) ଚିତ୍ର ବିଷୟରେ ସେମାନଙ୍କୁ ବୁଝାଇବା

(2) ଚିତ୍ର ମାଧ୍ୟମରେ ଗଳ୍ପକୁ ଦୃଶ୍ୟାୟନ କରିବା

(3) ଚିତ୍ରକୁ ପ୍ରଶଂସା କରିବା

(4) ପଠିତ ପାଠ୍ୟ ବିଷୟରେ ଅନୁମାନ ଲଗାଇବା

**111.** ଶିକ୍ଷାର୍ଥୀଙ୍କର ନିରନ୍ତର ଶିକ୍ଷଣ ଦୃଷ୍ଟାନ୍ତର ରେକଡ୍ ହେଉଛି :

(1) ନିଦାନାତ୍ମକ ପରୀକ୍ଷା

(2) ପୋର୍ଟ୍ ଫଲିଓ

(3) ନିରନ୍ତର ବୋଧଜ୍ଞାନ ଆଧାରିତ ଆସାଇନ୍‌ମେଣ୍ଟ

(4) ଅନର୍ଗଳତା ପରୀକ୍ଷା

**112.** ଏଥିମଧ୍ୟରୁ କେଉଁଟି ଗ୍ରହଣଶୀଳ ଦକ୍ଷତା ?

(1) ଶ୍ରବଣ ଓ ପଠନ
(2) ଶ୍ରବଣ ଓ ଲିଖନ
(3) ପଠନ ଓ କଥନ
(4) କଥନ ଓ ଲିଖନ

**113.** ଚାକିରୀ ପାଇଁ ବିଦେଶ ଯାଉଥିବା ଏକ ଭାରତୀୟ ସେଠାକାର ଭାଷା ଶିଖିଥାନ୍ତି ।

ଏଇଟି କେଉଁ ପ୍ରକାର ପ୍ରେରଣା ?

(1) କୌଣସିଟି ସମନ୍ୱିତ କିମ୍ବା ଯାନ୍ତ୍ରିକ ପ୍ରେରଣା ନୁହେଁ
(2) ଉଭୟ ସମନ୍ୱିତ ଓ ଯାନ୍ତ୍ରିକ ପ୍ରେରଣା
(3) ସମନ୍ୱିତ ପ୍ରେରଣା
(4) ଯାନ୍ତ୍ରିକ ପ୍ରେରଣା

**114.** ଏଥିମଧ୍ୟରୁ କେଉଁଟି ଶାସ୍ତ୍ରୀୟ ଭାଷା ନୁହେଁ ?

(1) ହିନ୍ଦୀ
(2) ତାମିଲ୍
(3) ସଂସ୍କୃତ
(4) ତେଲୁଗୁ

**115.** ବିଦେଶୀ ଭାଷା ଶିକ୍ଷାରେ ଜାତୀୟ ଶିକ୍ଷାନୀତି-2020 ସମ୍ପର୍କରେ କେଉଁଟି ସତ୍ୟ ନୁହେଁ ?

(1) ଏକ ଅତିରିକ୍ତ ବିକଳ୍ପ ଭାବେ ଫରାସୀ ଭାଷାକୁ ସୁପାରିଶ କରିବା
(2) ମାଧ୍ୟମିକ ସ୍ତରରେ ବିଦେଶୀ ଭାଷା ଶିକ୍ଷା ଏକ ଅତିରିକ୍ତ ବିକଳ୍ପ ଭାବେ ଅଧ୍ୟୟନ
(3) ତ୍ରିଭାଷୀ ସୂତ୍ରରେ ସମ୍ପୃକ୍ତ ଥିବା କୌଣସି ଏକ ବିଦେଶୀ ଭାଷା ଶିକ୍ଷା
(4) ତ୍ରିଭାଷୀ ସୂତ୍ରରେ ପଠିତ ତିନୋଟି ଭାଷାରେ ଅସଂପୃକ୍ତ ବିଦେଶୀ ଭାଷାର ଅଧ୍ୟୟନ

**116.** 'ଭାଷା ବିଷୟରେ ଜାଣିବା'କୁ କେଉଁଟି ସମର୍ଥନ କରେ ?

(1) ରୀତିସମ୍ମତ ଦକ୍ଷତା
(2) ଉକ୍ତି ପ୍ରକାଶକ ଜ୍ଞାନ
(3) ପଦ୍ଧତି ଆଧାରିତ ଜ୍ଞାନ
(4) ବ୍ୟାକରଣଗତ ଜ୍ଞାନ

**117.** ଗୋଟିଏ କଥନ କାର୍ଯ୍ୟ ପାଇଁ ଷଷ୍ଠ ଶ୍ରେଣୀରେ ପଢ଼ାଉଥିବା ଜଣେ ଶିକ୍ଷକ ନିମ୍ନ କାର୍ଯ୍ୟର ବିକାଶ କରିଛନ୍ତି ।

*ମରୁଭୂମି ଓ ତାର ଜଳବାୟୁ ଉପରେ ପାଞ୍ଚ ଧାଡ଼ି କୁହ ।*

ଏହା ଉଚିତ ନା ଅନୁଚିତ କାର୍ଯ୍ୟ ? ତୁମ ପ୍ରଶ୍ନର ଉତ୍ତର ଓ ବିଚାର ପାଇଁ ଠିକ୍ ବିକଳ୍ପ ନିରୂପଣ କର ।

(1) ଏହା ଉଚିତ କାର୍ଯ୍ୟ ନୁହେଁ କାରଣ ଏହା ପ୍ରସଙ୍ଗ ଠାରୁ ଦୂରେଇଯାଏ ଯେହେତୁ ଏଥିରେ ମରୁଭୂମି ଓ ଏହାର ଜଳବାୟୁ ଉପରେ କୌଣସି ସୂଚନା ନାହିଁ

(2) ଏହା ଏକ ଉଚିତ କାର୍ଯ୍ୟ କାରଣ ଶିକ୍ଷାର୍ଥୀମାନେ ନିଜର ଭୂଗୋଳ କ୍ଲାସ୍‌ରେ ମରୁଭୂମି ବିଷୟରେ ପଢ଼ିଛନ୍ତି ଏବଂ ଉପଯୁକ୍ତ ତଥ୍ୟ ବିଷୟରେ କହିପାରିବେ

(3) ଏହା ଏକ ଉଚିତ କାର୍ଯ୍ୟ କାରଣ ଏହାଦ୍ୱାରା ଶିକ୍ଷାର୍ଥୀ ଏଠାରେ ମରୁଭୂମି ବିଷୟରେ କହିପାରିବେ

(4) ଏହା ଉଚିତ କାର୍ଯ୍ୟ ନୁହେଁ କାରଣ କେତେକ ଶିକ୍ଷାର୍ଥୀ ମରୁଭୂମି ବିଷୟରେ କିଛି ଜାଣନ୍ତି ନାହିଁ

**118.** ଗୋଟିଏ ଭାଷାର ଉପଭାଷା ବିଷୟରେ କେଉଁ ବକ୍ତବ୍ୟଟି ସତ୍ୟ ନୁହେଁ ?

(1) ବେଳେବେଳେ ବିଭିନ୍ନ ସାମାଜିକ ଗୋଷ୍ଠୀ ସେହି ଏକା ଭାଷାର ବିଭିନ୍ନ ଉପଭାଷା କହିପାରନ୍ତି

(2) ଭାଷାର ଉପଭାଷା ଗୋଟିଏ ଅଞ୍ଚଳରୁ ଆଉ ଏକ ଅଞ୍ଚଳକୁ ଭିନ୍ନ ହୋଇଥାଏ

(3) ଗୋଟିଏ ଭାଷାର ବିଭିନ୍ନ ଉପଭାଷୀ ଅନ୍ୟ ଉପଭାଷାକୁ ବୁଝିପାରନ୍ତି

(4) ଉପଭାଷା ଗୋଟିଏ ବଡ଼ ଶ୍ରେଣୀ ହୋଇଥିବା ବେଳେ ଭାଷା ହେଉଛି ଅପେକ୍ଷାକୃତ ଛୋଟ ଶ୍ରେଣୀ

**119.** ଏଥିମଧ୍ୟରୁ କେଉଁ କାର୍ଯ୍ୟଟି ସମନ୍ୱିତ ଶିକ୍ଷଣ କୌଶଳର ବିକାଶ କରେ ?

(1) ପ୍ରବନ୍ଧ ଲିଖନ (2) ରୋଲ୍‌ପ୍ଲେ (3) ଆସାଇନ୍‌ମେଣ୍ଟ (4) ପ୍ରକଳ୍ପ କାର୍ଯ୍ୟ

**120.** ବ୍ୟାକରଣ ଶିକ୍ଷା ପ୍ରସଙ୍ଗରେ କେଉଁ ପଦ୍ଧତିଟି ଜଣାଶୁଣା ?

ପାଠ୍ୟରେ ବ୍ୟାକରଣ ଉପାଦାନର ଆରମ୍ଭ କରିବା, ଭାଷା ଉପାଦାନ ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇବା, ବାସ୍ତବ ଜୀବନ ଆଧାରିତ ପ୍ରସଙ୍ଗରେ ବ୍ୟବହାର କରିବାକୁ ସକ୍ଷମ କରାଇବା ଏବଂ ଏହାକୁ ଖୋଜି ଗଠନ ପ୍ରତି ବିଦ୍ୟାର୍ଥୀର ଦୃଷ୍ଟି ଆକର୍ଷଣ କରିବା ।

(1) ସଚେତନତା ବୃଦ୍ଧି (2) ସ୍କିମା ସୃଷ୍ଟି

(3) ନିଗମନାତ୍ମକ ପଦ୍ଧତି (4) ଆବିଷ୍କାର ପଦ୍ଧତି

ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ ।

Candidates should attempt the questions from **Part-V (Q.No. 121-150)**, if they have opted **ODIA** as **Language-II** only.

## PART-V

## LANGUAGE-II

## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା **121-128** ର ଉତ୍ତର ଦିଅ ।

ସ୍ୱର୍ଗୀୟ ପ୍ରେମ ବାସ୍ତବିକ ମହାପରିବର୍ତ୍ତନ ସଂଘଟନ କରେ-ତାହା ଥରେ ଯାହାର ପ୍ରାଣକୁ ସ୍ପର୍ଶକରେ, ଛୋଟ, ବଡ଼, ଉଚ୍ଚ, ନୀଚ ଗଣନା ତାହା ନିକଟରେ ଅସମ୍ଭବ । ତେବେ ମାନବ ସମାଜ ମଧ୍ୟରେ ଯେ ଏହାର ଦୃଷ୍ଟାନ୍ତ ଅଧିକ ଦେଖାଯାଏ ନାହିଁ; ତାହାର ଅନେକ କାରଣ ଅଛି । ଆମ୍ଭେମାନେ ପୂର୍ବେ କହିଅଛୁଁ, ଏ ହତଭାଗ୍ୟ ପୃଥିବୀରେ ସ୍ୱାର୍ଥଜଡ଼ିତ ବିକୃତ ପ୍ରେମର ନିଦର୍ଶନ ହିଁ ଅଧିକ । ସେ ଯାହା ହେଉ, କ୍ଷୁଦ୍ର ମାନବ ପକ୍ଷରେ ଯାହା ଅସମ୍ଭବ, ଅନନ୍ତ ଈଶ୍ୱରଙ୍କ ପକ୍ଷରେ ମଧ୍ୟ ତାହା ଅସମ୍ଭବ, ଏପରି ମନେ କରିବା ମହାଭ୍ରାନ୍ତି ।

ବାୟୁ ରାଶିର ମହାସାଗର ମଧ୍ୟରେ ମନୁଷ୍ୟ ବୁଡ଼ି ରହିଅଛି- ବାୟୁ ପ୍ରତି ମୁହୂର୍ତ୍ତରେ ତାହାର ଜୀବନ ରକ୍ଷା କରୁଅଛି; କିନ୍ତୁ ମନୁଷ୍ୟ ତାହା ଚିନ୍ତା କରେନାହିଁ ବା ସେପରି ଅନୁଭବ କରେ ନାହିଁ । ଅନନ୍ତ ମହାନ ପ୍ରେମସିନ୍ଧୁ, କ୍ଷୁଦ୍ର ମାନବ ଶିଶୁ ନିୟତ ତନ୍ମଧ୍ୟରେ ବାସ କରୁଅଛି । କିଏ ସେ ପ୍ରେମ ବିନା ମୁହୂର୍ତ୍ତେ ବଞ୍ଚିପାରେ ? ନିର୍ବୋଧ ମନୁଷ୍ୟ ସେ କଥା ବୁଝେ ନାହିଁ । ଯେଉଁ ଶରୀର ମନ, ଧନ, ରତ୍ନ, ଆତ୍ମୀୟ, ବାନ୍ଧବ ତାଙ୍କର ପ୍ରେମର ନିଦର୍ଶନ ମାତ୍ର, ତାହାରି ମାୟାରେ ମୁଗ୍ଧ ହୋଇ ଭ୍ରାନ୍ତବୁଦ୍ଧି ମନୁଷ୍ୟ ତାକୁ ଭୁଲିଯାଏ । ସେ କାହାର ଦୋଷ ? ଦୁର୍ବଳ ମନୁଷ୍ୟ ଭୁଲ, କିନ୍ତୁ ସେ ପ୍ରେମ ପଲକେ ସୁଦ୍ଧା ତାକୁ ଭୁଲି ନାହିଁ- ପାତ୍ରାପାତ୍ର ଜ୍ଞାନ ସେ ପ୍ରେମରେ ନାହିଁ, ପାପୀ ପୁଣ୍ୟାତ୍ମାର ଭେଦ ସେଠାରେ ନାହିଁ । ମାନବ, ଥରେ ମାତ୍ର ଚକ୍ଷୁ ଫିଟାଇ ଦେଖ, ସେ ପ୍ରେମ ଦର୍ଶନ କରି ତୁମ୍ଭର ପ୍ରାଣ କାନ୍ଦି ଉଠୁଅଛି କି ନାହିଁ ? ସର୍ବସ୍ୱ ଛାଡ଼ି ସେହି ପ୍ରେମମୟ ଚରଣ ତଳେ ଲୋଟିବାକୁ ପ୍ରାଣ ମନ ଅସ୍ଥିର ହେଉଛି କି ନାହିଁ ? ସଂସାରରେ ଭୟ ଭାବନା, ନିନ୍ଦା, ଅପମାନ ସବୁ ମୁହୂର୍ତ୍ତରେ ତିରୋହିତ ହେଉଅଛି କି ନାହିଁ ? ପଲକେ ପଲକେ କେତେ ପ୍ରେମ ତାହାର କଳନା ନାହିଁ । ମନୁଷ୍ୟର କର୍ତ୍ତବ୍ୟ, ସେ ତାହାର ସମଗ୍ର ପ୍ରେମ ତାଙ୍କରି ଶ୍ରୀଚରଣରେ ଉତ୍ସର୍ଗ କରିବ- ଏଥିରେ ଯୁକ୍ତି ନାହିଁ, ତର୍କ ନାହିଁ, ଫଳାଫଳ ଚିନ୍ତା ନାହିଁ । ସେ ଚିନ୍ତାରେ ବୃଥା ମସ୍ତିଷ୍କ ଘୂରାଇ କି ଲାଭ ? ଦିଅ, କେବଳ ଦିଅ, କେବଳ ଦିଅ । ଏହାହିଁ ପ୍ରେମର ରହସ୍ୟ ।

**121.** କାହା ପାଖରେ ଉଚ୍ଚ ନୀଚ ଗଣନା ଅତି ତୁଚ୍ଛ ବୋଲି କୁହାଯାଇଛି ?

(1) ବିଭୁପ୍ରେମ (2) ପରିବର୍ତ୍ତନ (3) ପ୍ରେମ (4) ସ୍ୱର୍ଗୀୟ ପ୍ରେମ

**122.** ମଣିଷ ନିଜର ପ୍ରେମକୁ କେଉଁଠାରେ ଉତ୍ସର୍ଗ କରିଥାଏ ?

(1) ସବୁଜିମା ପାଖରେ (2) ଈଶ୍ୱରଙ୍କ ପାଖରେ (3) ପ୍ରକୃତି ପାଖରେ (4) ମାତୃଭୂମି ପାଖରେ

**123.** କିଏ ମଣିଷର ଜୀବନ ରକ୍ଷା କରୁଛି ?

(1) ଜଳ (2) ପୃଥିବୀ (3) ଶସ୍ୟ (4) ବାୟୁ

**124.** 'ପାପ' - ର ବିପରୀତ ଶବ୍ଦ କେଉଁଟି ?

(1) ନ୍ୟାୟ (2) ଧର୍ମ (3) ନୀତି (4) ପୁଣ୍ୟ

**125.** ପ୍ରେମ ସିନ୍ଧୁର ସ୍ୱରୂପ କ'ଣ ?

(1) ଅଚିନ୍ତ୍ୟ (2) ଅଲକ୍ଷ୍ୟ (3) ଅନନ୍ତ (4) ଅସୀମ

**126.** ପ୍ରେମ ମଣିଷ ଜୀବନରେ କ'ଣ ସଂଘଟନ କରିଥାଏ ?

(1) ମହାପରିବର୍ତ୍ତନ (2) ମହାସୁଖ (3) ସତ୍ୟଶାନ୍ତି (4) ସାତ୍ତ୍ୱିକ ଆନନ୍ଦ

**127.** ପୃଥିବୀରେ କେଉଁ ପ୍ରକାର ପ୍ରେମ ଅଧିକ ମାତ୍ରାରେ ଦେଖିବାକୁ ମିଳେ ?

(1) ସରଳରୈଖିକ ପ୍ରେମ (2) ବିଭୁପ୍ରେମ

(3) ବିକୃତ ପ୍ରେମ (4) ଦାମ୍ପତ୍ୟ ପ୍ରେମ

**128.** କେଉଁଠି ଲୋଟିବାକୁ ମଣିଷ ପ୍ରାଣ ଅସ୍ଥିର ହୋଇଥାଏ ?

(1) ସମୁଦ୍ର ବେଳାଭୂମିରେ (2) ପ୍ରକୃତି ଶଯ୍ୟାରେ

(3) ପ୍ରେମମୟ ଚରଣ ତଳେ (4) ନଦୀର ବାଲୁକାରେ

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା **129-135** ର ଉତ୍ତର ଦିଅ ।

ବୁର୍ଜୁୟା ଗୋଟିଏ ନିର୍ଦ୍ଦିଷ୍ଟ ଆୟଗୋଷ୍ଠୀର ଲୋକ ନୁହେଁ । ବୁର୍ଜୁୟା ଏକ ମନୋବୃତ୍ତି ବୋଲି କହିବା ଅଧିକ ସତ୍ୟ । ନିରାପତ୍ତା ଲୋଭ ବୁର୍ଜୁୟାର ବଡ଼ ଲକ୍ଷଣ । ମଧ୍ୟବିତ୍ତ ଶ୍ରେଣୀର ବେତନଭୋଗୀ ବୁର୍ଜୁୟା ହେବାର ସମ୍ଭାବନା ଅଧିକ । କାରଣ ନିର୍ଦ୍ଦିଷ୍ଟ ମାସିକ ଆୟ ତାକୁ ଯେଉଁ ନିରାପତ୍ତା ଦିଏ, ତଦନୁସାରେ ତାର ବ୍ୟକ୍ତିତ୍ୱ ଗଢ଼ି ହୋଇଯାଏ । ଏହି କାରଣ ଯୋଗୁଁ ମଧ୍ୟବିତ୍ତ ଶ୍ରେଣୀକୁ ହୁଏତ ବୁର୍ଜୁୟା ଭାବେ ଗ୍ରହଣ କରାଯାଉଥିଲା । ମାର୍କ୍ସଙ୍କ ଦର୍ଶନରେ ବୁର୍ଜୁୟାର ବ୍ୟାଖ୍ୟା ବା ଫରାସୀ ସମାଜରେ ଏକଦା ତାର ସ୍ୱରୂପ ବିଷୟରେ ଆଲୋଚନା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଇଂରେଜ ଅମଳରେ ସୃଷ୍ଟି ହୋଇଥିବା ଭାରତୀୟଙ୍କର ଯେଉଁପରି ମନୋବୃତ୍ତିକୁ ଶ୍ରୀ ଅରବିନ୍ଦ ବୁର୍ଜୁୟା ନାମ ଦେଇଛନ୍ତି, ତାର ସ୍ୱରୂପ ଉଦ୍‌ଘାଟନ ଆମର ଲକ୍ଷ୍ୟ । କହିବା ବାହୁଲ୍ୟ ଯେ, ସ୍ୱାଧୀନତା ପରେ ଭାରତୀୟ ବୁର୍ଜୁୟାମାନେ ଲୋପ ପାଇନାହାନ୍ତି । ବରଂ ବୁର୍ଜୁୟା ଜୀବନାଦର୍ଶ ଏ ଦେଶରେ କାଳକ୍ରମେ ଅଧିକ ବଳିଷ୍ଠ ହୋଇଛି ।

ବୁର୍ଜୁୟା ଗୋଟିଏ ପରିତୃପ୍ତ ଓ ନିରୁପଦ୍ରବ ଜୀବନ ବଞ୍ଚେ । ଆରାମରେ ନିରାପଦ ଭାବେ କାଳାତିପାତ କରିବାକୁ ସେ ପରମ ମୂଲ୍ୟ ଦିଏ । ସେଥିପାଇଁ ମାପିଚୁପି ଚଳେ । ସ୍ୱଚ୍ଛନ୍ଦରେ ଗଢ଼ି ଚାଲିଥିବା ତା ଜୀବନ ପରିସର ଭିତରେ କିଛି ଏପଟ ସେପଟ ହୋଇ ନ ଯାଏ, ତାର ନିର୍ମଳ ଜୀବନାକାଶରେ ଯେପରି ଖଣ୍ଡେ ଛାଇ ନ ଯାଏ, ବୁର୍ଜୁୟା ସେଥିପ୍ରତି ସଦାଜାଗ୍ରତ । ମନ୍ଦ କ'ଣ ? ଏହା ତ ନିରୀହ ଓ ସ୍ୱାଭାବିକ ମନେ ହେଉଛି । ବୁର୍ଜୁୟା ମନ୍ଦ ମଣିଷ ନୁହେଁ । ସେ ସୀମାବଦ୍ଧ ।

**129.** କେଉଁ ସମାଜରେ ବୁର୍ଜୁୟାର ସ୍ୱରୂପ ବିଷୟକ ଆଲୋଚନା ପରିଲକ୍ଷିତ ହୁଏ ?

(1) ଇଂରେଜ ସମାଜ (2) ଭାରତୀୟ ସମାଜ

(3) ଫରାସୀ ସମାଜ (4) ଆମେରିକୀୟ ସମାଜ

**130.** 'ନିରୁପଦ୍ରବ' - ର କେଉଁ ବିଚ୍ଛେଦଟି ଠିକ୍ ?

(1) ନିରୁପ + ଦ୍ରବ (2) ନିଃ + ଉପଦ୍ରବ (3) ନିର + ଉପଦ୍ରବ (4) ନି + ରୁପଦ୍ରବ

**131.** ନିର୍ଦ୍ଦିଷ୍ଟ ବେତନ ବୁର୍ଜ୍ଜୁୟାକୁ କ'ଣ ଯୋଗାଇଥାଏ ?

(1) ଶାନ୍ତି (2) ଆନନ୍ଦ (3) ନିରାପତ୍ତା (4) ଖୁସି

**132.** କାହା ଦର୍ଶନରେ ବୁର୍ଜ୍ଜୁୟାର ବ୍ୟାଖ୍ୟା ଦେଖିବାକୁ ମିଳେ ?

(1) ରବୀନ୍ଦ୍ରନାଥ (2) ଅରବିନ୍ଦ (3) ଗାନ୍ଧୀ (4) ମାର୍କସ

**133.** ସାଧାରଣତଃ କିଏ ବୁର୍ଜ୍ଜୁୟା ହେବାର ଦେଖାଯାଏ ?

(1) ମଧ୍ୟବିତ୍ତ ବେତନଭୋଗୀ (2) ଧନୀ

(3) ଜମିଦାର (4) ଶ୍ରମିକ

**134.** ବୁର୍ଜ୍ଜୁୟାକୁ କ'ଣ ବୋଲି ସ୍ୱୀକାର କରାଯାଇଛି ?

(1) ଏକ ଶ୍ରେଣୀ (2) ଏକ ପ୍ରବୃତ୍ତି (3) ଏକ ବିରୋଧାଭାସ (4) ଏକ ମନୋବୃତ୍ତି

**135.** 'ଜୀବନାକାଶ' - ର କେଉଁ ବ୍ୟାସ ବାକ୍ୟଟି ଠିକ୍ ?

(1) ଯେ ଜୀବନ ସେ ଆକାଶ (2) ଜୀବନ ଓ ଆକାଶ

(3) ଜୀବନ ରୂପକ ଆକାଶ (4) ଜୀବନ ଦ୍ୱାରା ଆକାଶ

**136.** ଜନ୍ମକାଳରୁ ଅଶ୍ୱିନ୍ ଓଡ଼ିଆ ଜାଣେ ଏବଂ ସେ ଇଂରାଜୀ, ହିନ୍ଦୀ ପଢ଼େ । ଏହାକୁ ଆଧାର କରି କେଉଁ ମନ୍ତବ୍ୟଟି ଠିକ୍ ନୁହେଁ ନିର୍ଣ୍ଣୟ କର ।

(1) ତାର ଇଂରାଜୀ ଜ୍ଞାନ ହେଉଛି ଭାଷା ଆହରଣ

(2) ତାର ଓଡ଼ିଆ ଜ୍ଞାନ ହେଉଛି ଭାଷା ଆହରଣ

(3) ତାର ହିନ୍ଦୀ ଜ୍ଞାନ ହେଉଛି ଭାଷାଶିକ୍ଷା

(4) ତାର ଇଂରାଜୀ ଜ୍ଞାନ ହେଉଛି ଭାଷାଶିକ୍ଷା

**137.** ଯାନ୍ତ୍ରିକ ପ୍ରେରଣା ହେଉଛି ଯେତେବେଳେ ?

(1) ଗୋଟିଏ ପୁସ୍ତକ ଲିଖନ ପାଇଁ ଜଣେ ଭାଷା ଶିଖିଥାଏ

(2) ଜଣେ ବ୍ୟକ୍ତି ଉପଯୋଗୀ କାରଣରୁ ଭାଷା ଶିଖିଥାଏ ଯେମିତିକି ନିଯୁକ୍ତି

(3) ନିଜ ଭାଷାର ଲୋକଙ୍କ ନିକଟତର ହେବାପାଇଁ ଜଣେ ଭାଷା ଶିଖିଥାଏ

(4) ସାମାଜିକ ଅନୁଷ୍ଠାନ ଓ ଧାର୍ମିକ କାର୍ଯ୍ୟ ପାଇଁ ଜଣେ ଭାଷା ଶିଖିଥାଏ

**138.** କ୍ରିପା ଓ କରନ ଦୁହେଁ ଯାଆଁଳା ଭାଇ ଓ ସେମାନେ ମଣିପୁରୀ ଭାଷା କହନ୍ତି । ତେବେ ସେମାନଙ୍କ କଥାବାର୍ତ୍ତାରେ କିଛିଟା ଭିନ୍ନତା ଥାଏ । ସେମାନଙ୍କ ସ୍ୱତନ୍ତ୍ର ଭାବେ ଉପଭାଷା କଥନକୁ କ'ଣ କୁହାଯିବ ?

(1) ମଣିପୁରୀ (2) ଇଡ଼ିଓଲେକ୍ଟ (3) ଉପଭାଷା (4) କଥନ କାର୍ଯ୍ୟ

**139.** ଭାରତୀୟ ସମ୍ବିଧାନରେ ଇଂରାଜୀ ଶିକ୍ଷାକୁ କେଉଁ ସ୍ଥାନ ମିଳିଛି ?

(1) ବିଧିସମ୍ମତ ରାଜଭାଷା (2) ରାଜଭାଷା

(3) ଅତିରିକ୍ତ ରାଜଭାଷା (4) ବିଦେଶୀ ଭାଷା

**140.** ଜଣେ ଶିକ୍ଷାର୍ଥୀର ବ୍ୟକ୍ତିଗତ ଦୁର୍ବଳତା ଓ ପାରଙ୍ଗମତା ଯେଉଁ ପରୀକ୍ଷା ଚିହ୍ନଟ କରିଥାଏ, ତାକୁ କୁହାଯାଏ :

(1) ଫର୍ମେଟିଭ୍ ପରୀକ୍ଷା (2) ଅବ୍‌ଜେକ୍ଟିଭ୍ ପରୀକ୍ଷା

(3) ଭାଲିଡିଟି ପରୀକ୍ଷା (4) ନିଦାନଭିତ୍ତିକ ପରୀକ୍ଷା

**141.** ଅଦିତି ପୂର୍ଣ୍ଣ ଅତୀତ କାଳର ସୂତ୍ର ଜାଣେ । କିନ୍ତୁ ସେ ଏହାକୁ ପାଠ୍ୟ ପ୍ରସଙ୍ଗରେ ବ୍ୟବହାର କରେନି । ସେ କେଉଁ ପ୍ରକାର ଜ୍ଞାନ ବିଷୟରେ ଜାଣେ ?

(1) ଜ୍ଞାନର ପ୍ରୟୋଗ (2) ଭାଷା ଆହରଣ ସୂତ୍ର (3) ସୂତ୍ର ଆଧାରିତ ଜ୍ଞାନ (4) ଘୋଷିତ ଜ୍ଞାନ

**142.** ଭାଷା ସମ୍ପର୍କରେ କେଉଁଟି ସତ୍ୟ ନୁହେଁ ?

(1) କେତେକ ଭାଷା କେବଳ ବିଜ୍ଞାନ ଓ ଇଂଜିନିୟରିଙ୍ଗ୍‌କୁ ଉନ୍ନତ କରିଥାନ୍ତି

(2) ଭାଷା ପରିଚୟ କରାଇଥାଏ

(3) ଭାଷା ହେଉଛି ଇତିହାସର ଭଣ୍ଡାର

(4) ଭାଷା ମାନବଜ୍ଞାନର ସଂଖ୍ୟାକୁ ତ୍ୱରାନ୍ୱିତ କରିଥାଏ

**143.** ଭାଷା ଶ୍ରେଣୀରେ ଏକ ପ୍ରକଳ୍ପ କାର୍ଯ୍ୟର ପରିକଳ୍ପନା ଓ କାର୍ଯ୍ୟକାରୀ କରିବାରେ କେଉଁ ସ୍ତରଗୁଡ଼ିକ ସମ୍ପୃକ୍ତ ?

(1) ଯେମିତି ଚାହିଁବେ ଶିକ୍ଷକ ଓ ଶିକ୍ଷାର୍ଥୀ ସେହି ପ୍ରୋଜେକ୍ଟ କାର୍ଯ୍ୟକୁ ପରିକଳ୍ପନା ଓ କାର୍ଯ୍ୟକାରୀ କରିପାରିବେ

(2) ଦଳ ଗଠନ, ଯୋଜନା, ତଥ୍ୟସଂଗ୍ରହ, ତଥ୍ୟ ପୁନରାବୃତ୍ତି, ଡ୍ରାଫ୍ଟ ଲିଖନ, ବିଷୟ ଚିହ୍ନଟ ଓ ରିପୋର୍ଟର ସମାପ୍ତି

(3) ଦଳ ଗଠନ, ବିଷୟ ଚିହ୍ନଟ, ଯୋଜନା, ତଥ୍ୟ ସଂଗ୍ରହ, ତଥ୍ୟ ପୁନରାବୃତ୍ତି, ଡ୍ରାଫ୍ଟ୍ ଲିଖନ ଓ ରିପୋର୍ଟର ସମାପ୍ତି

(4) ଦଳ ଗଠନ, ବିଷୟ ଚିହ୍ନଟ, ଯୋଜନା, ତଥ୍ୟ ସଂଗ୍ରହ, ଡ୍ରାଫ୍ଟ ଲିଖନ, ତଥ୍ୟର ପୁନରାବୃତ୍ତି ଓ ରିପୋର୍ଟ ସମାପ୍ତି

**144.** ଶ୍ରବଣ ସମ୍ପର୍କରେ ଉର୍ଦ୍ଧ୍ୱ-ନିମ୍ନ ପଦ୍ଧତି କହିଥାଏ :

(1) ପ୍ରତିଟି ଧ୍ୱନି, ଶବ୍ଦ, ଖଣ୍ଡବାକ୍ୟ, ବାକ୍ୟାଂଶ ଓ ବାକ୍ୟ ଶ୍ରବଣ କରିଥାଏ

(2) ସ୍ୱତନ୍ତ୍ର ଦିଗକୁ ଦୃଷ୍ଟି ଦେଇଥାଏ

(3) ବକ୍ତୃତା, ପାଠ୍ୟ କିମ୍ବା ଶ୍ରାବ୍ୟ (ସିଡି) ର ନିଷ୍କର୍ଷକୁ ଶ୍ରବଣ କରିଥାଏ

(4) ପାଠ୍ୟ, ବକ୍ତୃତା କିମ୍ବା ଶ୍ରାବ୍ୟ (ସିଡି) ର ମୋଟାମୋଟି ସନ୍ଦେଶ ଶ୍ରବଣ କରିଥାଏ

**145.** ସପ୍ତମଶ୍ରେଣୀ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ଏକ ବ୍ୟକ୍ତିଙ୍କ ବିଷୟରେ ବର୍ଣ୍ଣନା କରି ଲେଖିବାକୁ ଗୋଟିଏ ଲିଖନ କାର୍ଯ୍ୟ ପିଲାମାନଙ୍କୁ ଦେଇଛନ୍ତି । ସେ କ୍ଲାସ୍ ବାହାରକୁ ଯାଇ ଜଣେ ହକରକୁ ତା'ଟୋକେଇ ସହିତ କ୍ଲାସ ଭିତରକୁ ଆଣିଲେ । ଲୋକଟିକୁ ସେ ସାତ ମିନିଟ୍ ଯାଏଁ କ୍ଲାସ୍‌ରୁମ୍‌ରେ ରହିବାକୁ କହିଲେ । ସେ ଏଥର ପିଲାଙ୍କୁ ଦୁଇ ଦୁଇ ଜଣିଆ ଦଳ କରି ସେହି ଲୋକଟି ବିଷୟରେ ଲେଖିବାକୁ କହିଛନ୍ତି ।

ଏଠାରେ କ୍ଲାସ୍‌ରୁମ୍‌ରେ ହକର ଜଣକ ଏଇ କାର୍ଯ୍ୟରେ କି ଭୂମିକା ନିର୍ବାହ କରୁଛି ?

(1) ସାମଗ୍ରୀ (2) ଶିକ୍ଷା ସହାୟକ

(3) ଜଣେ ହକର (4) କାର୍ଯ୍ୟର ଜଣେ ଅଂଶଗ୍ରହଣକାରୀ

**146.** ସପ୍ତମଶ୍ରେଣୀରେ ପଢ଼ାଉଥିବା ଜଣେ ଶିକ୍ଷକ ଚାହାନ୍ତି ପାଠ୍ୟରେ ଦିଆଯାଇଥିବା ବ୍ୟକ୍ତି ଓ ସମ୍ପ୍ରଦାୟ ସହିତ ପରିଚିତ ହୁଅନ୍ତୁ ଓ ବୋଧନ ଶକ୍ତି ବିଷୟରେ କମ୍ ଜାଣନ୍ତୁ ।

ଏଠାରେ ଶିକ୍ଷକ ଜଣକ ଶିକ୍ଷାର୍ଥୀଙ୍କର କ'ଣ ବିକାଶ କରାଇବାକୁ ଲକ୍ଷ୍ୟ ରଖିଛନ୍ତି ?

(1) ସାହିତ୍ୟିକ କୌଶଳ (2) ଭାଷା ସାକ୍ଷରତା

(3) ସମାଲୋଚନାତ୍ମକ ସାହିତ୍ୟ ଜ୍ଞାନ (4) ବିଶ୍ଲେଷଣାତ୍ମକ ପଠନ

**147.** ଜାତୀୟ ଶିକ୍ଷାନୀତି-2020 ଅନୁଯାୟୀ ଶାସ୍ତ୍ରୀୟ ଭାଷା ଅଧ୍ୟୟନରେ କେଉଁଟି ସତ୍ୟ ?

(1) ମାଧ୍ୟମିକ ସ୍ତରରେ ଏକ ମୁଖ୍ୟ ଭାଷାଭାବେ ଶାସ୍ତ୍ରୀୟ ଭାଷା ଶିକ୍ଷା

(2) ମାଧ୍ୟମିକ ସ୍ତରରେ ଏକ ଅତିରିକ୍ତ ବିକଳ୍ପ ଭାବେ ଶାସ୍ତ୍ରୀୟ ଭାଷା ଶିକ୍ଷା

(3) ତ୍ରିଭାଷୀ ସୂତ୍ରର ଏକ ବିକଳ୍ପ ଭାବେ ଶାସ୍ତ୍ରୀୟ ଭାଷା ଶିକ୍ଷା

(4) ପ୍ରାଥମିକ ସ୍ତରରେ ଶାସ୍ତ୍ରୀୟ ଭାଷା ଶିକ୍ଷା

**148.** ଏଠାରେ ଏକ ପାଠ ରହିଛି । ଏହା କେଉଁ ଭାଷା ରେଜିଷ୍ଟର ଅଧୀନରେ ଆସୁଛି ? ଜାଣିବାକୁ ଚେଷ୍ଟା କର ।

ବିପ୍ଳବ ପରେ ଏହା ଆକସ୍ମିକ ଭାବେ ବଦଳିଥିବା ସମ୍ଭବ । ୟୁରୋପ ଓ ଏସିଆ ସମେତ ବିଶ୍ୱର ଅଧିକାଂଶ ଅଞ୍ଚଳରେ, ବ୍ୟକ୍ତିଗତ ଅଧିକାର ବିଷୟରେ ନୂତନ ତଥ୍ୟ ଏବଂ ଯେଉଁମାନେ ସାମାଜିକ କ୍ଷମତା ନିୟନ୍ତ୍ରଣ କରିଥିଲେ ସେମାନଙ୍କ ବିଷୟ ଆଲୋଚିତ ହେବା ଉଚିତ । ଭାରତରେ ରାଜା ରାମମୋହନ ରାୟ ଓ ଡେରୋଜିଓ ଫରାସୀ ବିପ୍ଳବର ଗୁରୁତ୍ୱ ବିଷୟରେ କହିଥିଲେ । କଲୋନୀରେ ଏହି ବିକାଶ, ସାମାଜିକ ପରିବର୍ତ୍ତନର ଧାରାକୁ ପୁନଃ ରୂପାୟନ କରୁଛି ।

(1) ବିପ୍ଳବ ରେଜିଷ୍ଟର  (2) ବିଜ୍ଞାନ ରେଜିଷ୍ଟର

(3) ରାଜନୀତିକ ରେଜିଷ୍ଟର  (4) ସମାଜବିଜ୍ଞାନ ରେଜିଷ୍ଟର

**149.** ''ଭାଷା ଆକଳନ ସାଧାରଣତଃ ଗ୍ରହଣଶୀଳ ଦକ୍ଷତାକୁ କୌଣସି ପ୍ରାଧାନ୍ୟ ଦିଏନାହିଁ'', ଏଥିପାଇଁ ଅଷ୍ଟମ ଶ୍ରେଣୀକୁ ପଢ଼ାଉଥିବା ଶିକ୍ଷକ ସୁବାସ ଦୁଃଖିତ । 'ଗ୍ରହଣଶୀଳ ଦକ୍ଷତା' ଅର୍ଥ କ'ଣ ସେ ବୁଝନ୍ତି ?

(1) କଥନ ଓ ଲିଖନ  (2) ଶ୍ରବଣ ଓ ଲିଖନ

(3) କଥନ ଓ ପଠନ  (4) ଶ୍ରବଣ ଓ ପଠନ

**150.** ଭାଷା ଏକ ସୂତ୍ରଭାବେ କାମ କରିଥାଏ- ଏହା ଶିକ୍ଷାର୍ଥୀ ବୁଝିକରି ବ୍ୟବହାର କରିଥାଏ ।

(1) ପଦ୍ଧତି ଆଧାରିତ ଦକ୍ଷତା  (2) କଥୋପକଥନଧର୍ମୀ ଦକ୍ଷତା

(3) ସିଷ୍ଟମିକ୍ ଦକ୍ଷତା  (4) ସମାଜ ଭାଷାତାତ୍ତ୍ୱିକ ଦକ୍ଷତା

**- o 0 o -**

SPACE FOR ROUGH WORK

## ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :

1. ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡିକୁ ଭଲଭାବରେ ପଢ଼ିନେବା ଉଚିତ୍ ।

2. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତରଖାତାର **ପୃଷ୍ଠା-2** ରେ **କଳା/ନୀଳ ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

3. OMR ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।

4. ପ୍ରଶ୍ନପତ୍ର ଓ OMR ଉତ୍ତରଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।

5. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ OMR ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

6. OMR ଉତ୍ତରପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍ ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚ଼ିତ୍ ନୁହେଁ ।

7. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।

8. ମୋବାଇଲ୍ ଫୋନ, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।

9. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ଦେଖାଇବେ ।

10. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ବିନା କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

11. ପରୀକ୍ଷକଙ୍କୁ ଉତ୍ତରଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନଥିବା ପରୀକ୍ଷାର୍ଥୀ OMR ଉତ୍ତରଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ । **ପରୀକ୍ଷାର୍ଥୀ ନିଜର ବାମହାତର ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ ଉପସ୍ଥିତି ପତ୍ରରେ ଦିଆଯାଇଥିବା ସ୍ଥାନରେ ଦେବା ଆବଶ୍ୟକ ।**

12. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

13. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ୍ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

14. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା OMR ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।

15. **ପରୀକ୍ଷା ସରିଲା ପରେ, OMR ଉତ୍ତରପତ୍ରକୁ ପରୀକ୍ଷା କକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के **पृष्ठ-2** पर केवल एक वृत्त को ही पूरी तरह **नीले/काले बॉल पॉइन्ट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस OMR उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक OMR उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं OMR उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं OMR उत्तर पत्र के कोड या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/OMR उत्तर पत्र में दिए गए परीक्षा पुस्तिका कोड व संख्या को परीक्षार्थी सही तरीके से उपस्थिति-पत्र में लिखें।
6. OMR उत्तर पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और परीक्षार्थी विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना OMR उत्तर पत्र दिए बिना एवं उपस्थिति-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार उपस्थिति-पत्र पर हस्ताक्षर नहीं किए, तो यह माना जाएगा कि उसने OMR उत्तर पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अंगूठे का निशान उपस्थिति-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी परीक्षण संस्था के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला परीक्षण संस्था के नियमों एवं विनियमों के अनुसार होगा।
14. किसी भी परिस्थिति में परीक्षा पुस्तिका और OMR उत्तर पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व OMR उत्तर पत्र निरीक्षक को अवश्य सौंप दें। *परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Blue / Black Ball Point Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the OMR Answer Sheet is not folded. Do not make any stray marks on the OMR Answer Sheet. Do not write your Roll No. anywhere else except in the specified space in the OMR Answer Sheet.
4. Handle the Test Booklet and OMR Answer Sheet with care, as under no circumstances (except for discrepancy in Test Booklet Code or Number and OMR Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/OMR Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/room.
8. Mobile phones, wireless communication devices (even in switched off mode) and the other banned items should not be brought in the examination halls/rooms. Failing to comply with this instruction, it will be considered as using unfair means in the examination and action will be taken against the candidate including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their OMR Answer Sheet to the Invigilator on duty and sign the Attendance Sheet twice. Cases where candidate has not signed the Attendance Sheet second time will be deemed not to have handed over the OMR Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Examining Body with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Examining Body.
14. No part of the Test Booklet and OMR Answer Sheet shall be detached under any circumstances.
15. **On completion of the test, the candidate must hand over the OMR Answer Sheet to the Invigilator in the Hall / Room. *The candidates are allowed to take away this Test Booklet with them.***